## ଭାଲୁ ଆକ୍ରମଣରେ ୨ ଗୁରୁତର

**ବଇଣ୍ଡା,(ପରିକ୍ଷିତ ସାହୁ):** କିଶୋରନଗର ବ୍ଲକ ଠେଲକନାଳୀ ଗ୍ରାମରେ ବୁଧବାର ଭାଲୁ ଆକ୍ରମଣରେ ଭରତ ପ୍ରଧାନ ଓ ସୁଲୋଚନା ମିର୍ଦ୍ଧା ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଗ୍ରାମବାସୀ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡିଛି, ଅପରାହ୍ନରେ ଜଙ୍ଗଲରୁ ଏକ ଭାଲୁ ଗ୍ରାମକୁ ପଶି ଆସି ଦୁହିଁଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣାକୁ ନେଇ ଗାଁରେ ଆତଙ୍କ ଖେଳିଯାଇଛି। ତୁରନ୍ତ ଗୁରୁତରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

### ସଂକ୍ଷେପରେ

## ସାପ କାମୁଡ଼ାରେ ଯୁବକ ମୃତ

**ଅନୁଗୋଳ, ୫।୭ (ଅମିତ କୁମାର ସାମଲ):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଭରତପୁର ଅଞ୍ଚଳର ବୀର ପ୍ରଧାନଙ୍କ ପୁଅ ମନୋଜ ପ୍ରଧାନ(୨୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ମନୋଜ ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଦୁର୍ଘଟଣାରେ ବୃଦ୍ଧ ମୃତ

**ଅନୁଗୋଳ, ୫।୭ (ଅମିତ କୁମାର ସାମଲ):** ଅନୁଗୋଳ ଥାନା ନୂଆପଡ଼ା ଅଞ୍ଚଳରେ ଏକ ମୋଟର ସାଇକେଲ ଧକ୍କାରେ କରବେରିଣୀ ଗ୍ରାମର ଧ୍ରୁବ ବେହେରା(୭୨)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ଧ୍ରୁବ ତାଙ୍କ ସ୍କୁଟିରେ କୁରୁଡ଼କୁ ଯାଉଥିଲେ। ତାଙ୍କୁ ନୂଆପଡ଼ା ନିକଟରେ ଏକ ବୁଲେଟ୍ ଧକ୍କା ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

# ସରକାରଙ୍କୁ ପ୍ରାପ୍ୟ ମାଗିଲେ ଡିଲର


ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡିଲରମାନେ ଗଣଧାରଣା ଦେଇଛନ୍ତି।

**ଅନୁଗୋଳ, ୫।୭ (ଅମିତ କୁମାର ସାମଲ)**

ସର୍ବଭାରତୀୟ ଡିଲର ଫେଡେରେଶନ ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିନା ପାରିଶ୍ରମିକରେ ସାମଗ୍ରୀ ବଣ୍ଟନ ଆଉ ସମ୍ଭବ ନୁହେଁ। ତେଣୁ ପ୍ରାପ୍ୟ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ସାମଗ୍ରୀ ବଣ୍ଟନ ବନ୍ଦ କରାଯିବ। ଏପରି କି ସରକାରଙ୍କ ସମ୍ମାନ ପାଇଁ ଆଉ ହାତରୁ ଅର୍ଥ ଖର୍ଚ୍ଚ କରିହେବ ନାହିଁ ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟରେ କାର୍ଯ୍ୟରତ ରିଟେଲରମାନଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବଣ୍ଟନ ବାବଦ ବେକେୟା ରହିଥିବା ୨୮ ମାସର ପାରିଶ୍ରମିକ ଦିଆଯାଉ। ଏଥିସହ ଇ-ପୋସ୍ ମେସିନ୍‌ର ବ୍ୟବହାରିକ ଖର୍ଚ୍ଚ, ଫେରସ୍ତ ଅଖାର ମୂଲ୍ୟ ପ୍ରଦାନ କରାଯାଉ। ଆଗାମୀ ଦିନରେ ସାମଗ୍ରୀ ବଣ୍ଟନ ବାବଦକୁ ସମସ୍ତ ପାରିଶ୍ରମିକ ବକେୟା ନ ରଖି ୫ ଦିନ ମଧ୍ୟରେ ଏକକାଳୀନ ପ୍ରଦାନ, ପାରିଶ୍ରମିକ ରାଶି ବୃଦ୍ଧି ସହ ନିଅଣ୍ଟ ବାବଦକୁ କୁଇଣ୍ଟାଲ ପିଛା ୧ କିଲୋଗ୍ରାମ ଖାଉଟି ସାମଗ୍ରୀ ଭରଣା କରାଯାଉ, ପ୍ରାଣ ହରାଉଥିବା ରିଟେଲରମାନଙ୍କ ଉତ୍ତରାଧିକାରୀଙ୍କୁ ପୁନଃନିଯୁକ୍ତି ଦେବା, ଖୁଚୁରା ବିକ୍ରେତାମାନଙ୍କୁ ଦୋକାନ ଗୃହ ଭଡ଼ା, ବିଦ୍ୟୁତ୍ ଖର୍ଚ୍ଚ, ବଣ୍ଟନରେ ସହଯୋଗ କରୁଥିବା ସହାୟିକା ଓ ସହାୟକଙ୍କୁ ସହଯୋଗ ରାଶି ପ୍ରଦାନର ବ୍ୟବସ୍ଥା କରାଯାଉ। କାର୍ଯ୍ୟରତ ଖୁଚୁରା ବିକ୍ରେତାମାନଙ୍କ ଜୀବନର ସୁରକ୍ଷା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପ୍ରଦାନ, ୨୫ ଲକ୍ଷ ଟଙ୍କାର ବୀମା ରାଶି ବ୍ୟବସ୍ଥା କରାଯାଉ ବୋଲି ନରେନ୍ଦ୍ର କୁମାର ଷଡ଼ଙ୍ଗୀ, ଜ୍ୟୋତ୍ସ୍ନାରାଣୀ, ପ୍ରମୋଦ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି।

## ସେଲ୍ସମ୍ୟାନ୍‌ଙ୍କୁ ଅପହରଣ ପରେ ଛାଡ଼ିଦେଲେ

**ଅନୁଗୋଳ, ୫।୭ (ଅମିତ କୁମାର ସାମଲ)**

ଅନୁଗୋଳ ପୁରୁଣା ବସ୍‌ଷ୍ଟାଣ୍ଡରେ ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ ସାମାନ୍ୟ ବଚସାରୁ ତୁମୁଳକାଣ୍ଡ ଘଟିଛି। ୨ ଜଣ କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ହେବାରୁ କେତେଜଣ ଯୁବକ ଆସି ଜଣେ ସେଲ୍ସମ୍ୟାନଙ୍କୁ ଅପହରଣ କରି ନେଇଯାଇଥିଲେ। ତେବେ ଅନୁଗୋଳ ଥାନାକୁ ଏ ନେଇ ଅବଗତ କରାଯିବା ପରେ ସମ୍ପୃକ୍ତ ସେଲ୍ସମ୍ୟାନ୍‌ଙ୍କୁ ମାଡ଼ ମରାଯାଇ ଛାଡ଼ି ଦିଆଯାଇଥିବା ଚର୍ଚ୍ଚା ହୋଇଛି। ଏ ନେଇ ପୋଲିସ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ସୂଚନା ଅନୁଯାୟୀ, ଉକ୍ତ ଇଲେକ୍ଟ୍ରୋନିକ୍ସ ଦୋକାନରେ ବୁଧବାର ଜଣେ କର୍ମଚାରୀଙ୍କ ଜନ୍ମ ଦିନ ପାଳନ ହେଉଥିଲା। ଏହି ସମୟରେ ଜଣେ ମହିଳା ଓ ପୁରୁଷ ସେଲ୍ସମ୍ୟାନ୍‌ଙ୍କ ମଧ୍ୟରେ ସାମାନ୍ୟ କଥା କଟାକଟି ହୋଇଥିଲା। ଅନୁଗୋଳର ମହିଳା ସେଲ୍ସମ୍ୟାନ୍ ତାଙ୍କ ବନ୍ଧୁଙ୍କୁ ଫୋନ୍ କରି ଡାକିବା ପରେ ସେ ଏକ କାର୍‌ରେ ଆସି ପୁରୁଷ ସେଲ୍ସମ୍ୟାନ୍‌କୁ ଉଠାଇ ନେଇଥିଲେ। ଏଭଳି କି ଦୀର୍ଘ ଏକ ଘଣ୍ଟା ଧରି ଅଜ୍ଞାତସ୍ଥାନକୁ ନେଇ ଉତ୍ତମ ମଧ୍ୟମ ଦେଇଥିଲେ। ପରେ ବିଭିନ୍ନ ସ୍ଥାନରୁ ଚାପ ପଡ଼ିବାରୁ ସେଲ୍ସମ୍ୟାନଙ୍କୁ ଛାଡ଼ି ଦିଆଯାଇଥିଲା। ସମ୍ପୃକ୍ତ ସେଲ୍ସମ୍ୟାନ୍ ରାତିରେ ଆସି ଶୋରୁମ୍‌ରେ ପହଞ୍ଚିଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ଦେହାନ୍ତ, ଶୋକସଭା


ଆଠମଲ୍ଲିକ ବାର୍ ଆସୋସିଏଶନରେ ଶୋକସଭା।

**ଆଠମଲ୍ଲିକ,୫।୭(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସହର ୮ନଂ. ୱାର୍ଡ ବନ୍ଧସାହିର ଶିକ୍ଷାବିତ୍ ତଥା ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ଜ୍ୟୋତିଷରାୟ (୮୪)ଙ୍କ ମଙ୍ଗଳବାର ରାତିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ୧୯୬୪ ମସିହାରେ ସେ ମାଧପୁର ହାଇସ୍କୁଲରେ ପ୍ରଥମେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ପରେ ରିଆମାଳ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ୧୯୮୪ ମସିହାରେ ସ୍ୱେଚ୍ଛାକୃତ ଅବସର ନେଇ ଓକିଲାତି ଜୀବନ ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଆଠମଲ୍ଲିକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବୋହୂ, ପୁଅ, ନାତୁଣୀ, ନାତିଙ୍କ ସହିତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଆଇନଜୀବୀ ଜ୍ୟୋତିଷରାୟଙ୍କ ଦେହାନ୍ତ ହୋଇଥିବାରୁ ଏ ନେଇ ଆଠମଲ୍ଲିକ ଆଇନଜୀବୀ ସଂଘ ପକ୍ଷରୁ ବୁଧବାର ଅଦାଲତ କାର୍ଯ୍ୟ ବର୍ଜନ କରାଯିବା ସହ ଶୋକସଭା ଆୟୋଜନ କରାଯାଇଥିଲା। ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ଆଇନଜୀବୀ ଯଜ୍ଞେଶ୍ୱର ପ୍ରଧାନ, ଅସିତ ରଞ୍ଜନ ଦେଓ, ଜିତେନ କୁମାର ମିଶ୍ର, ବୁଦ୍ଧଦେବ ମିଶ୍ର, ପୀତବାସ ସାହୁ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ମାଧପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମାହରଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ସାମିଲ ହୋଇ ସ୍ୱର୍ଗତ ଜ୍ୟୋତିଷରାୟଙ୍କ ସ୍ମୃତିଚାରଣ କରିଥିଲେ।

## ବିଦ୍ୟାଳୟ ପରିସରରେ ଚାରାରୋପଣ


କୁତୁଲିସିଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ କରାଯାଉଛି।

**ବଇଣ୍ଡା,୫।୭(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ କୁତୁଲିସିଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାମୁଡୋଲୀ ସରପଞ୍ଚ ପ୍ରଭାକର ପ୍ରଧାନ ଯୋଗଦେଇ ସମସ୍ତ ପିଲା ନିଜ ବାଡ଼ି ବଗିଚାରେ ଚାରା ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ସଭାପତି ଅଖିଳ ପ୍ରଧାନ, ଆଲୋକ ଦେହୁରୀ, ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଜେନା, ଭୁବନେଶ୍ୱର ସ୍ୱାଇଁ, ସୁରେଖା ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆମ୍ବ, ଶାଗୁଆନ, ଶିଶୁ, ପଟାସ ଭଳି ବିଭିନ୍ନ ପ୍ରକାର ୧୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଯାଇଥିଲା।

## ଡାକ୍ତରଙ୍କ ସେବା କାର୍ଯ୍ୟକୁ ପ୍ରଶଂସା

**ବଣଁରପାଳ,୫।୭(ଉପେନ୍ଦ୍ର ରାଉତ)**

ଅନୁଗୋଳସ୍ଥିତ ନାଲ୍‌କୋ ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସ ଅଫିସର ସଂଘ ତରଫରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋନଗର ହସ୍ପିଟାଲର ସମସ୍ତ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମହାପ୍ରବନ୍ଧକ ପ୍ରଣବ ଚକ୍ରବର୍ତ୍ତୀ ଯୋଗଦେଇ ସମସ୍ତ ଡାକ୍ତରଙ୍କ ନିରବଚ୍ଛିନ୍ନ ସେବା ଓ ଅଫିସର୍ ସଂଘ ଦ୍ୱାରା ସେମାନଙ୍କୁ ସମ୍ମାନିତ କରାଯାଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ସଂଘ ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା ସଭା ପରିଚାଳନା କରିଥିଲେ। ଉପସଭାପତି କିଶୋର କୁମାର ବେହେରା ଓ ଦେବାଶିଷ ମିଶ୍ର ନାଲ୍‌କୋ ଡାକ୍ତରମାନଙ୍କ ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ନାଲ୍‌କୋ ହସ୍ପିଟାଲ ଅଧ୍ୟକ୍ଷ ଡାକ୍ତର ଜୟଶ୍ରୀ ଘୋଷାଲ, ମିନାକ୍ଷୀ ପଣ୍ଡା ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦେବୀ ପ୍ରସାଦ ମହାପାତ୍ର, ମନୋଜ ଚନ୍ଦନ, ମୁନା ଜେନା, ରୁଦ୍ରନାରାୟଣ ଦାସ, ରମେଶ ସାହୁ, ବନବାସୀ ନାୟକ, ଏସ.କେ. ନାଗ, ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ ପରିଚାଳନା କରିଥିଲେ।


ଜାତୀୟ ଡାକ୍ତର ଦିବସ ଅବସରରେ ନାଲ୍‌କୋ ଅଧିକାରୀ ଓ ଡାକ୍ତରମାନେ।

## ଚାରାରୋପଣ ଅତି ଜରୁରୀ


ଚାରା ରୋପଣ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ଛେଣ୍ଡିପଦା,୫।୭(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତର କୁଦପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ ସହ ଛାତ୍ରୀଛାତ୍ରୀଙ୍କୁ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଳୟ କୁମାର ଗଡନାୟକ, କୋଶଳା ବନବିଭାଗ କର୍ମଚାରୀ, ବିଦ୍ୟାଳୟ ସଭାପତି ରୁନା ଗୋଛାୟତ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ ସହ ପୋଷାକ ବିତରଣ କରିଥିଲେ। ପରିବେଶର ସୁରକ୍ଷା ପାଇଁ ଚାରା ରୋପଣ ଅତି ଜରୁରୀ ବୋଲି ପ୍ରଧାନ ଶିକ୍ଷକ ଓ ଅତିଥିମାନେ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ସୁଶୀଲ କୁମାର ସାହୁ, ପାଚିକା ଓ ସହାୟିକା ସହଯୋଗ କରିଥିଲେ।

## ପ୍ରିପେଡ୍ ମିଟର ବ୍ୟବସ୍ଥାକୁ ବିରୋଧ ଆହ୍ୱାନ

**ଅନୁଗୋଳ, ୫।୭ (ଅମିତ କୁମାର ସାମଲ)**

ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ଆହ୍ୱାନରେ ଏକ ସଭା ସହର ଉପକଣ୍ଠସ୍ଥିତ ଶରଧାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ଦୀପକ କୁମାର ସିଂଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭା ପ୍ରାରମ୍ଭରେ ବରିଷ୍ଠ କାର୍ଯ୍ୟକର୍ତ୍ତା ରଜତ କୁମାର ମହାନ୍ତିଙ୍କ ଅକାଳ ମୃତ୍ୟୁ ହୋଇଥିବାରୁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସଭାପତି ତଥା ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର ରଜତଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ବିଦ୍ୟୁତ୍ ସେବା କ୍ଷେତ୍ରରେ ସରକାର ନୂତନ ଆଇନ ପ୍ରଣୟନ କରି କିଭଳି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରିବା ପାଇଁ ଯୋଜନା କରୁଛନ୍ତି ତାହା ପ୍ରକାଶ କରିବା ସହ ପ୍ରିପେଡ୍ ମିଟର ବ୍ୟବସ୍ଥାକୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ମିଟର ରିଡର ଓ ବିଲ୍ କଲେକ୍ଟରମାନଙ୍କୁ କୁଶଳୀ ଶ୍ରମିକର ମଜୁରି ପ୍ରଦାନ, ଚାକିରିର ସ୍ଥାୟିତ୍ୱ ଦାବିରେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଏହି ସଭାରେ ସଂଘ କାର୍ଯ୍ୟକାରୀ ସଭାପତି ମାନସ ପାଲଙ୍କ ସମେତ କାର୍ଯ୍ୟକର୍ତ୍ତା ସୁକାନ୍ତ ସାହୁ, ଦିଲୀପ ସାସମଲ, ପ୍ରତାପ ସାହୁ, ଦୀନେଶ ମହାପାତ୍ର, ମୋହନ ସାହୁ, ସାଫଲ୍ୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଶରଧାପୁର ଠାରେ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ଆହ୍ୱାନରେ ଅନୁଷ୍ଠିତ ସଭା।

## ଅବକାରୀ ଚଢ଼ାଉ, ୪ ଗିରଫ

**ଆଠମଲ୍ଲିକ,୫।୭(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବେଆଇନ ମଦ କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କିଶୋରନଗର ବ୍ଲକ ଖଇରମୁଣ୍ଡା ଗ୍ରାମର ସସ୍ମିତା ବେହେରା, ଭାଲୁମୁଣ୍ଡା ଗ୍ରାମର ସଂଗୀତା ମୁଣ୍ଡା, ରଜାମୁଣ୍ଡା ଗ୍ରାମର ଅଭିମନ୍ୟୁ ମିର୍ଦ୍ଧା, ବଇଜା ଗ୍ରାମର ଉଷା ମୁଣ୍ଡା। ଗିରଫ ଅଭିଯୁକ୍ତଙ୍କ ଠାରୁ ୯୦ ଲିଟର ରନ୍ଧା ମଦ ଓ ୪୫୦ କେଜି ପୋଚ ଜବତ କରାଯାଇଛି। ଆଠମଲ୍ଲିକ ଅବକାରୀ ଅଧିକାରୀ ଧରଣୀଧର ପ୍ରହରାଜଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ବଇଣ୍ଡା ଅବକାରୀ ସବ୍‌ଇନ୍‌ସପେକ୍ଟର ରଞ୍ଜିତା ହରିଚନ୍ଦନ, ଏଏସ୍ଆଇ ରମେଶ ଚନ୍ଦ୍ର ବେହେରା, ଶୁକଲୁ ହେମ୍ବ୍ରମଙ୍କ ସମେତ ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିଲେ।

## ୫-ଟି ସଚିବଙ୍କୁ ଦିଆଯିବ ଦାବିପତ୍ର

**କଣିହାଁ,୫।୭(ସଚ୍ଚିଦାନନ୍ଦ ପ୍ରଧାନ)**

୫-ଟି ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ୧୧ ତାରିଖରେ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି। ଏ ନେଇ କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପଠାରେ ବ୍ଲକର ବିଭିନ୍ନ ପଞ୍ଚାୟତର ବୁଦ୍ଧିଜୀବୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାସେବା ସହଯୋଗ ଅନୁଷ୍ଠାନର ଉପାଧ୍ୟକ୍ଷ ଭରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ମୌଳିକ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ରେଙ୍ଗାଳି ଡ୍ୟାମ୍ ନିମ୍ନରେ ଦ୍ୱିତୀୟ ସେତୁ ନିର୍ମାଣରେ ଅହେତୁକ ବିଳମ୍ବ, ଯୋଜନା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଯୁକ୍ତ ୨ ମହାବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି, ବିନା ଡାକ୍ତରରେ ସ୍ଥାଣୁ ପାଲଟିଥିବା ପ୍ରୋଜେକ୍ଟ ଡାକ୍ତରଖାନା ଆଦି ସମସ୍ୟା ନେଇ ୫-ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ମହିଳା ସାଧାରଣ ସମ୍ପାଦିକା ସବିତା ନନ୍ଦ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁଚରଣ ଦାସ, ପୂର୍ବତନ ସରପଞ୍ଚ ଡିଲେଶ୍ୱର ସାହୁ, ନିଶାକର ପ୍ରଧାନ, ନିଶାକର ବିଶ୍ୱାଳ, ମଦନମୋହନ ପ୍ରଧାନ, ରୋହିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀମାନେ।

## ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ବଇଣ୍ଡା,୫।୭(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନତ କୁମାର ପ୍ରଧାନଙ୍କୁ ମଙ୍ଗଳବାର ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଅଶୋକ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମାୟାଧର ସାହୁ, ବିଜୟ ଦେଓ, ଆଦିକନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା, ରଜନୀକାନ୍ତ ଦେହୁରୀ ପ୍ରମୁଖ ଯୋଗଦେଇ ଶିକ୍ଷକ ସନତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସନତ ଉକ୍ତ ବିଦ୍ୟାଳୟରେ ୩୭ ବର୍ଷ ଶିକ୍ଷକତା କରିଥିବାବେଳେ ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ଏଥିରେ ଗ୍ରାମବାସୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଉଛି।

## ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କୁ ମେଡିକାଲ ନେଲେ ସଚିବ

**ଅନୁଗୋଳ, (ଅମିତ କୁମାର ସାମଲ)/ ଛେଣ୍ଡିପଦା, ୫।୭ (ଅଜିତ ଧଳ)**

ଟ୍ରକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଛାତ୍ରଙ୍କୁ ନିଜ ଗାଡ଼ିରେ ମେଡିକାଲ ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ। ଏପରି କି ମେଡିକାଲରେ ଛାତ୍ରଙ୍କୁ ଷ୍ଟ୍ରେଚରରେ ବୋହି ନେଇଥିବା ଯୋଗୁ ସଚିବଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ଜରପଡା ଥାନା କତଡାଠାରେ ବୁଧବାର ଟ୍ରକ୍ ଧକ୍କାରେ କତଡା ନୋଡାଲ ସ୍କୁଲର ୭ମ ଶ୍ରେଣୀ ଛାତ୍ର ଆୟୁଷ ବିଶ୍ୱାଳ (୧୨) ଗୁରୁତର ହୋଇଥିଲେ। ଆୟୁଷ ସ୍କୁଲରୁ ଘରକୁ ଫେରୁଥିବା ବେଳେ ୫୫ନଂ. ଜାତୀୟ ରାଜପଥ ପାର ହେଉଥିଲେ। ଏହି ସମୟରେ ରାୟପୁରରୁ ଏନ୍‌ଟିପିସିକୁ ଅନ୍‌ଲାଇନ ପାର୍ସଲ ନେଇ ଆସୁଥିବା ଏକ ଟ୍ରକ୍(ନଂ. ଓଡି୧୯ଏ-୭୪୨୪) ତାଙ୍କୁ ଧକ୍କା ଦେଇଥିଲା। ଏହି ସମୟରେ ଆଠମଲ୍ଲିକ ସବ୍‌ଜେଲ୍‌ରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପ୍ରତିନିଧି ଛୈଳ କୁମାର ମଲ୍ଲିକଙ୍କ ସହ ଫେରୁଥିବା ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ତୁରନ୍ତ ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କୁ ନିଜ ଗାଡ଼ିରେ ନେଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଥିସହ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ କଥା ହୋଇଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଅଞ୍ଚଳବାସୀ ରାଜପଥ ଅବରୋଧ କରିଥିଲେ। ଖବରପାଇ ଜରପଡା ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଚାଳକଙ୍କୁ ଥାନାକୁ ଆଣି ତଦନ୍ତ କରୁଛି।


ଗୁରୁତର ଛାତ୍ରଙ୍କୁ ଷ୍ଟ୍ରେଚରରେ ବୋହି ନେଉଛନ୍ତି ସଚିବ।

## ସମସ୍ତେ ଚାରା ରୋପଣ କରନ୍ତୁ

**ମାଧପୁର,୫।୭(ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ମାଧପୁର ବନବିଭାଗ ତରଫରୁ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ଭୋଇ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ବୈଦ୍ୟନାଥ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହିତ ବୃକ୍ଷ ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ ହୋଇଥିବାରୁ ସମସ୍ତେ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟାପକ ଧନଞ୍ଜୟ ଦନ୍ତା, ଫରେଷ୍ଟର ସୁଜିତ ଜେନା, ଫରେଷ୍ଟଗାର୍ଡ ଅନିତା ବେହେରା, ସୁବାସ ସେଠୀ, ବିଦ୍ୟା ଲୁଗୁନ, ବନସଂଯୋଜକ ଅମରେଶ ପ୍ରସାଦ ଦାସ, ସ୍ୱେତାମ୍ବର୍ ମଲ୍ଲିକଙ୍କ ସହିତ ସମସ୍ତ ଛାତ୍ରୀଛାତ୍ର ସାମିଲ ଥିଲେ।


ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ।

# ବାଡ଼ିରେ ଖେଳିଲେ ନାଗ-ନାଗୁଣୀ



**କାମାକ୍ଷାନଗର, ୫।୭(ସୁଧୀର ପରିଡ଼ା)**

କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୧ନଂ. କଲୋନୀରେ ବୁଧବାର ନାଗ-ନାଗୁଣୀ ଖେଳୁଥିବା ଚର୍ଚ୍ଚାର ବିଷୟ ହୋଇଛି। ସନ୍ଦୀପ ମହାନ୍ତିଙ୍କ ବାଡ଼ି ପଛପଟେ ନାଗ-ନାଗୁଣୀ ଖେଳୁଥିବା ସୂଚନା ପ୍ରଚାର ହେବା ପରେ ଏହା ଦେଖିବାକୁ ଅସମ୍ଭାଳ ଭିଡ଼ ହୋଇଥିଲା। ବେଶ୍ କିଛି ସମୟ ନାଗ-ନାଗୁଣୀ ଯୋଡ଼ି ହୋଇ ରହିବା ପରେ ଜଙ୍ଗଲକୁ ପଳାଇଥିଲେ। ଅନେକେ ମୋବାଇଲରେ ଏହି ଦୃଶ୍ୟକୁ କଏଦ କରୁଥିବା ଦେଖିବାକୁ ମିଳିଥିଲା।

# କପିଳାସ ପୀଠ ପାଇଁ ସ୍ୱତନ୍ତ୍ର ଆଇନ ଆସୁ

## ୫-ଟି ସଚିବଙ୍କୁ ପତ୍ର ଲେଖିଲେ ପୂର୍ବତନ ବିଧାୟକ

**ଢେଙ୍କାନାଳ, ୫।୭(ରତନ ନାୟାର)**

ବିଶ୍ୱପ୍ରସିଦ୍ଧ ଶୈବକ୍ଷେତ୍ର ତଥା ଶ୍ରୀ ଚନ୍ଦ୍ରଶେଖରଙ୍କ ଆସ୍ଥାନ କପିଳାସ ପୀଠ ପାଇଁ ସ୍ୱତନ୍ତ୍ର ଆଇନ ଅଣାଯାଉ। ମନ୍ଦିର ସୁପରିଚାଳନା ଲାଗି ଏଠାରେ ପୂର୍ଣ୍ଣକାଳୀନ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ ନିବେଦନ କରିଛନ୍ତି କପିଳାସ ସୁରକ୍ଷା ସମିତି ଆବାହକ ତଥା ପୂର୍ବତନ ବିଧାୟକ ନବୀନ ନନ୍ଦ। ଆସନ୍ତା ୧୧ ଓ ୧୨ ତାରିଖରେ ୫-ଟି ସଚିବ କପିଳାସ ପରିଦର୍ଶନରେ ଆସିବା କାର୍ଯ୍ୟକ୍ରମ ରହିଥିବାବେଳେ ଏ ଦିଗରେ ନୀତିଗତ ନିଷ୍ପତ୍ତି ନେବା ପାଇଁ ସେ ଚିଠି ଲେଖି ଦାବି କରିଛନ୍ତି।

ଦ୍ୱାଦଶ ଶତାବ୍ଦୀର କୀର୍ତ୍ତୀରାଜି କପିଳାସ ପୀଠ ନିକଟରେ କପିଳାସ ଅଭୟାରଣ୍ୟ ରହିଛି। ତେଣୁ ଉନ୍ନୟନ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ୧୬ ହଜାର ଏକର ବିଶିଷ୍ଟ କପିଳାସ ଅଭୟାରଣ୍ୟ ୧୯୭୫ ପର୍ଯ୍ୟନ୍ତ ଢେଙ୍କାନାଳ ରାଜପରିବାର ଓ ଦେବୋତ୍ତର ବିଭାଗ ଅଧୀନରେ ଥିଲା। ଦେବୋତ୍ତର ବିଭାଗ ରାଜସ୍ୱ ଦେଇ ନ ପାରିବାରୁ ୭୯ ଡେସିମିଲ ଜାଗାକୁ ବାଦ୍ ଦେଇ ଅବଶିଷ୍ଟ ଜମି ମାତ୍ର ୪ ଲକ୍ଷ ୫୦ ହଜାର ଟଙ୍କାରେ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଦିଆଯାଇଥିଲା।



କପିଳାସ ପୀଠ

ଉକ୍ତ ଟଙ୍କା ଠାକୁରଙ୍କ ନାମରେ ସ୍ଥାୟୀ ଜମା ଭାବେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଜଙ୍ଗଲ ଜମି କପିଳାସ ଅଭୟାରଣ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ପୀଠ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଅଧୀନରେ ରହିଥିବାରୁ ମନ୍ଦିର ପରିସରରେ ରାଜ୍ୟ ସରକାର ବିକାଶମୂଳକ କାମ କରିପାରୁନାହାନ୍ତି। ପୀଠର ଆବଶ୍ୟକ ଉନ୍ନତୀକରଣ କରିବାକୁ ହେଲେ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଅଧୀନକୁ ଆଣିବାକୁ ପଡ଼ିବ ବୋଲି ପୂର୍ବତନ ବିଧାୟକ ପ୍ରସ୍ତାବ ଦେଇଛନ୍ତି। ସେହିପରି କପିଳାସ ପାଦଦେଶରେ ଠାକୁରଙ୍କ ନାମରେ ଥିବା ୧୨୦୦ ଏକର ବିଶିଷ୍ଟ କାଜୁ ଜଙ୍ଗଲରୁ ବିଶେଷ ଆୟ ହେଉନାହିଁ। ଉକ୍ତ ଜମିରେ ବୃନ୍ଦାବନ ଗାର୍ଡେନ୍ ଢାଞ୍ଚାରେ ଏକ ଉଦ୍ୟାନ କରାଗଲେ ଏହା ପର୍ଯ୍ୟଟକଙ୍କ ଲାଗି ଆକର୍ଷଣ ପାଲଟିବ। ସ୍ଥାୟୀ ଆୟର ମାଧ୍ୟମ ହୋଇପାରିବ। ଦେବୋତ୍ତର ବିଭାଗ ଓ ଜିଲା ପ୍ରଶାସନର ଅପାରଗତା କାରଣରୁ ଠାକୁରଙ୍କ ଭୂସମ୍ପତ୍ତିରୁ ଅଧିକ ଟଙ୍କା ଆସୁନାହିଁ। ଅନେକ ଜମିକୁ ମାଫିଆ ମାଡ଼ିବସିଛନ୍ତି। ପୀଠ ପାଇଁ ସ୍ୱତନ୍ତ୍ର ଆଇନ ପାସ୍ କରିବା ସହ ଜଣେ ପୂର୍ଣ୍ଣକାଳୀନ ପ୍ରଶାସନିକ ଅଧିକାରୀ ନିଯୁକ୍ତ କରାଗଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ପୂର୍ବତନ ବିଧାୟକ ଆଶାବ୍ୟକ୍ତ କରିଛନ୍ତି। ଏହାକୁ ବାଦ୍‌ଦେଲେ ଠାକୁରଙ୍କ ନାମରେ ଥିବା ସଇରାତରୁ ଆଦାୟ ଅର୍ଥର ସ୍ୱତନ୍ତ୍ର ଅଡିଟ୍ କରିବା, ୨୦୧୩ରୁ ପ୍ରସ୍ତାବିତ ରୋପ୍‌ୱେ କାର୍ଯ୍ୟକାରୀ କରିବା, ୫୦୦ ଯାତ୍ରୀଙ୍କ ରହଣି ପାଇଁ ଯାତ୍ରୀନିବାସ, ଔଷଧୀୟ ଗୁଣରେ ଭରା ପ୍ରାକୃତିକ ବନଝରଣା ଜଳର ସଂରକ୍ଷଣ, ୫୦୦ ଚାରିଚକିଆ ଓ ୨୦୦୦ ଦୁଇଚକିଆ ଯାନ ରହିବା ଭଳି ପାର୍କିଂ ବ୍ୟବସ୍ଥା, ଅତ୍ୟାଧୁନିକ ହୋଟେଲ, ମାର୍କେଟ କମ୍ପ୍ଲେକ୍ସ, ମନୋରଞ୍ଜନ ପାଇଁ ୨୦୦ ସିଟ୍ ବିଶିଷ୍ଟ ଅଡିଟୋରିୟମ, ଭୁବନେଶ୍ୱରୀ ମନ୍ଦିରର ପୁନରୁଦ୍ଧାର କରିବା ଲାଗି ସେ ଦାବି କରିଛନ୍ତି। ଏଥିସହ ମହିମାଗାଦି, କପିଳାସ ପୀଠର ଉନ୍ନତୀକରଣ ଲାଗି ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ପୂର୍ବତନ ବିଧାୟକ ନନ୍ଦ ପ୍ରଶଂସା କରିବା ସହ ଅଞ୍ଚଳବାସୀଙ୍କ ପକ୍ଷରୁ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# 'ପ୍ରେରଣାର ଉତ୍ସ ହେଲେନ୍'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ, ୫।୭(ରତନ ନାୟାର)**

ଦୃଷ୍ଟି ଓ ଶ୍ରବଣ ବାଧିତ ଦିବ୍ୟାଙ୍ଗଙ୍କ ପାଇଁ ହେଲେନ୍ କେଲର ଥିଲେ ପ୍ରେରଣାର ଉତ୍ସ। ତାଙ୍କ ନିଷ୍ଠାପର ଉଦ୍ୟମରେ ସାରା ପୃଥିବୀର ବହୁ ଲକ୍ଷ ଦିବ୍ୟାଙ୍ଗ ଶିକ୍ଷାର ଆଲୋକ ପାଇପାରିଛନ୍ତି ବୋଲି ଢେଙ୍କାନାଳସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ବୁଧବାର ହେଲେନ୍ କେଲର୍‌ଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ଆୟୋଜିତ ସ୍ମୃତିସଭାରେ ମତପ୍ରକାଶ ପାଇଛି।

ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତା ହେଲେନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍କୁଲ କମିଟି ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଶ୍ରବଣବାଧିତ ତାଲିମ୍‌ଦାତା ଦିଲୀପ ପଟେଲ୍, ମୁଥୁଟ୍ ଫାଇନାନ୍ସର ଆଞ୍ଚଳିକ ପ୍ରବନ୍ଧକ ଚିନ୍ମୟ ବିଶ୍ୱାଳ, ପରିଚାଳନା କମିଟି ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାନେତ୍ରୀ ପୂର୍ଣ୍ଣମାଚାନ୍ଦ ସାହୁ, ସଭ୍ୟ ଶରତ ସାହୁ, ପ୍ରଦୀପ ଧଳ, ଦୀପକ ସେଠୀ ପ୍ରମୁଖ ଯୋଗଦେଇ ହେଲେନ୍‌ଙ୍କ ସ୍ମୃତିଚାରଣ କରିଥିଲେ। ସୁଜିତ୍ ସାହୁ, ସନ୍ଧ୍ୟାରାଣୀ ସାରକା, ସାରିକା ସାହୁ, ସୁମିତ୍ରା ସାହୁ, ଦେଓଲା ଟୁଡୁଙ୍କୁ ମୁଥୁଟ୍ ଫାଇନାନ୍ସ ପକ୍ଷରୁ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ବାବୁ ପାତ୍ର, ସିଲୁ ନାଏକ, ଶୁଭଙ୍କର ସାହୁ, ବାଳକୃଷ୍ଣ ବେହେରା, କୃଷ୍ଣା ସାରଥି, ସିପୁ ନାଏକଙ୍କୁ ଅଡିଓ ସିଷ୍ଟମ୍ ଦିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ସାହୁ, ଅକ୍ଷମ କଲ୍ୟାଣ ସମିତି କୋଷାଧ୍ୟକ୍ଷ ଆଇନଜୀବୀ ମଳୟ ପାଣିଗ୍ରାହୀ, ଶିକ୍ଷକ ସରୋଜ ସାମଲ, ବଳରାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଦାମଙ୍କ ବିଦାୟରେ ଛାତ୍ରୀଛାତ୍ର ଭାବବିହ୍ୱଳ

**ଭୁବନ, ୫।୭(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ନୂଆ ଭୁବନ ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁଦାମ ଚରଣ ଦାସଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାନୁଷ୍ଠାନରେ ୧୯୮୮ରୁ ସେବା ଯୋଗାଇ ଆସୁଥିବା ସୁଦାମଙ୍କ ବିଦାୟବେଳାରେ ଛାତ୍ରୀଛାତ୍ର, କର୍ମଚାରୀ ଭାବବିହ୍ୱଳ ହୋଇପଡ଼ିଥିଲେ। ସ୍କୁଲ କମିଟି ସଭାପତି ବିପିନ ବିହାରୀ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ପୃଷ୍ଟି, ତରଣୀସେନ ମହାରଣା, ଜଗବନ୍ଧୁ ଜେନା, ଅରୁଣ ପତି, ଦୁଲାଳି ଦାସ, ଅଧ୍ୟାପକ ଅଲେଖ ଚନ୍ଦ୍ର ପାତ୍ର, ସତ୍ୟନାରାୟଣ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ ଆଚାର୍ଯ୍ୟ, ଜାତୀୟ ବିଦ୍ୟା ନିକେତନ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଏଚ୍ ଯୋଗଦେଇ ସୁଦାମଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଏକ ଶୋଭାଯାତ୍ରାରେ ସୁଦାମଙ୍କୁ ନଗର ପରିକ୍ରମା କରାଯାଇଥିଲା।





ଅତିଥି, ଛାତ୍ରୀଛାତ୍ରଙ୍କ ଗହଣରେ ସୁଦାମଚରଣ।

# ୪ ଦଫା ଦାବିରେ ଏଏପିର ବିକ୍ଷୋଭ





ଧାରଣାରେ ଏଏପି କାର୍ଯ୍ୟକର୍ତ୍ତାବୃନ୍ଦ।

**ଢେଙ୍କାନାଳ, ୫।୭(ରତନ ନାୟାର)**

ଚାରି ଦଫା ଦାବିରେ ଢେଙ୍କାନାଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ବୁଧବାର ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତୃବୃନ୍ଦ ଓ କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଓଡ଼ିଶାର ପ୍ରତି ପରିବାରକୁ ମାସିକ ୨୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଣ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ, ଅଧିକ ସମୟ ବିଦ୍ୟୁତ୍ କାଟ୍ ହେଲେ ଦିଲ୍ଲୀ ଭଳି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜରିମାନା, ଲୋ-ଭୋଲଟେଜ୍ ସମସ୍ୟାର ସ୍ଥାୟୀ ସମାଧାନ, ଉପଭୋକ୍ତାଙ୍କ ସଂଖ୍ୟା ଅନୁପାତରେ ଟ୍ରାନ୍ସଫର୍ମର ବ୍ୟବସ୍ଥା, ବସ୍ତିବାସିନ୍ଦାଙ୍କୁ ତୁରନ୍ତ ରିହାତି ବିଦ୍ୟୁତ୍ ସଂଯୋଗ ଦେବା ଆଦି ଦାବି କରାଯାଇଛି। ଏହାର ବିଚାର ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜିଲା ସଭାପତି ପଙ୍କଜ କୁମାର ନାୟକ ଚେତାବନୀ ଦେଇଛନ୍ତି। ବିକ୍ଷୋଭରେ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ରାଜକୁମାର ପ୍ରଧାନ, ରମେଶ ଚନ୍ଦ୍ର ପଣ୍ଡା, ବିଧୁ ରଞ୍ଜନ ନାୟକ, ଚିନ୍ମୟ ସେନାପତି, କଟକ ଜିଲା ଏଏପି ମହିଳା ସଙ୍ଗଠନ ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଦଳର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

# ବିଶ୍ୱତାପନ ବଡ଼ ସମସ୍ୟା

**କାମାକ୍ଷାନଗର, ୫।୭(ସୁଧୀର ପରିଡ଼ା)**

ବାୟୁମଣ୍ଡଳରେ କ୍ଷତିକାରକ ଗ୍ୟାସ୍ ପରିମାଣ ବୃଦ୍ଧି ପାଉଛି। ସବୁଜ ଗୃହ ପ୍ରଭାବରେ ବିଶ୍ୱତାପନ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହାର ସମାଧାନର ଏକମାତ୍ର ବାଟ ହେଉଛି ସବୁଜ ବଳୟ ସୃଷ୍ଟି। ଏଥିଲାଗି ବ୍ୟାପକ ବନୀକରଣର ଆବଶ୍ୟକତା ରହିଛି। ଏଥିରେ ସବୁବର୍ଗର ଜନସାଧାରଣ ଆଗେଇ ଆସିବା ଉଚିତ। କେବଳ ଚାରା ଲଗାଇଦେଲେ ହେବନାହିଁ, ବଡ଼ ହେବା ଯାଏ ଗଛର ଯତ୍ନ ନେବାକୁ ପଡ଼ିବ ବୋଲି କହିଛନ୍ତି କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ। କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍ ଅଧୀନ ବାଟଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ଡିଏଫ୍‌ଓ ସୁମିତ କୁମାର କର, ପୂର୍ବାଞ୍ଚଳ ରେଞ୍ଜର ପ୍ରିୟବ୍ରତ ପଟ୍ଟନାୟକ, ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ, ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ସ୍କୁଲରେ ଚାରା ରୋପଣ ନେଇ ସଚେତନତା ସୃଷ୍ଟି କରାଯିବ। ଗ୍ରାମାଞ୍ଚଳରେ ମଧ୍ୟ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।



ଅତିଥିମାନେ ଚାରା ରୋପଣ କରୁଛନ୍ତି।

# ୧୦୦୦ ଏକରରେ ଲାଗିବ ସାଢ଼େ ୫ ଲକ୍ଷ ଚାରା

**ଢେଙ୍କାନାଳ ଅଫିସ, ୫।୭ (ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ସଦେଇବେରେଣୀ-ନବଜୀବନପୁରସ୍ଥିତ କଳାକୃତି ଗ୍ରାମରେ ବୁଧବାର ପୂର୍ବାହ୍ନ ୯ଟାରେ ୭୪ତମ ଜିଲା ବନ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ପରିବେଶର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ବନ୍ୟ ସମ୍ପଦ। ଏହା ବିଶ୍ୱତାପନକୁ ସନ୍ତୁଳିତ ରଖିଥାଏ। ଚଳିତବର୍ଷ ଜିଲାରେ ଖାଲି ପଡ଼ିଥିବା ୧୦୦୦ ଏକର ଜାଗାରେ ସାଢ଼େ ୫ ଲକ୍ଷ ଚାରା ରୋପଣ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ଅନୁଗୋଳସ୍ଥିତ ଆର୍‌ସିସିଏଫ୍ ତଥା କ୍ଷେତ୍ର ନିର୍ଦ୍ଦେଶକ ସୁଧାଂଶୁ ଶେଖର ଖୋରା କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସନ୍ତୁଳନରେ ବୃକ୍ଷରାଜିର ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ। ଜିଲାପାଳ, ଆରସିସିଏଫ୍‌ଙ୍କ ସମେତ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ବନ କର୍ମଚାରୀ, ଜିଲା ସାମ୍ବାଦିକ ସଂଘ ସଦସ୍ୟ, ଗ୍ରାମବାସୀ, ଏସ୍ଏଚ୍‌ଜି ସଦସ୍ୟା ଚାରା ରୋପଣ କରିଥିଲେ। ଏହି ଅବସରରେ ଏକ ଭ୍ରାମ୍ୟମାଣ ଚାରା ବଣ୍ଟନ ଗାଡ଼ିର ଶୁଭାରମ୍ଭ କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ କହିଲେ, ୧ ତାରିଖରୁ ବନ ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ୫ଦିନ ମଧ୍ୟରେ ୭୫,୦୦୦ ଚାରା ଲଗାଯାଇଛି। ଜଙ୍ଗଲରେ ହାତୀ ଖାଦ୍ୟାଭାବ ପୂରଣ କରିବାକୁ ଲକ୍ଷ୍ୟ ରଖି ଫଳ ଚାରା ରୋପଣକୁ ଗୁରୁତ୍ୱ ଦିଆଯାଉଛି।



ଚାରା ବିତରଣ ପାଇଁ ଭ୍ରାମ୍ୟମାଣ ଗାଡ଼ିର ଶୁଭାରମ୍ଭ କରାଯାଉଛି।

# ରୋଗୀଙ୍କ ଦୁଃଖ ବୁଝିଲେ ଉପଜିଲାପାଳ

**କାମାକ୍ଷାନଗର, ୫।୭(ସୁଧୀର ପରିଡ଼ା)**

କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ବୁଧବାର ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ମେଡିକାଲରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ସୁବାସ ମଣ୍ଡଳଙ୍କ ସହ ବିସ୍ତୃତ ଭାବେ ସେ ଆଲୋଚନା କରିଛନ୍ତି। ଏଥିସହ ପ୍ରତି ୱାର୍ଡ ବୁଲି ଚିକିତ୍ସାଧୀନ ରୋଗୀଙ୍କ ଦୁଃଖ ପଚାରି ବୁଝିଥିଲେ। ବିଭିନ୍ନ ଉପକରଣ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହାର ତଦାରଖ କରିଥିଲେ। ଏଠାରେ ରହିଥିବା ସମସ୍ୟାର ସମାଧାନ ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ କହିଛନ୍ତି। ରାଜସ୍ୱ ଅଧିକାରୀ ଦୀପକ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର, କର୍ମଚାରୀ ଉପସ୍ଥିତ ଥିଲେ।

# ବନମାଳୀପ୍ରସାଦରେ ବନୀକରଣ

**ଢେଙ୍କାନାଳ, ୫।୭(ରତନ ନାୟାର)**

ଢେଙ୍କାନାଳ ରୋଟ୍ରାକ୍ଟ କ୍ଲବ ଓ ବନମାଳୀପ୍ରସାଦ ରୋଟାରି କମ୍ୟୁନିଟି କର୍ପସର ମିଳିତ ସହଯୋଗରେ ବନ ମହୋତ୍ସବ ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ବନମାଳୀପ୍ରସାଦ ଗ୍ରାମରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟମାନେ ପଣସ, ଆମ୍ବ, ବଉଳ, କଇଁଥ, ବେଲ, ଗମ୍ଭାରୀ, ଜାମୁ ଆଦି ପ୍ରଜାତିର ୫୦ଟି ଚାରା ଲଗାଇଥିଲେ।

ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ ଢେଙ୍କାନାଳ ୟୁନିଟ୍ ହେଡ୍ ଦୁର୍ଗା ପ୍ରସାଦ ଦ୍ୱିବେଦୀ ଅତିଥି ଭାବେ ଯୋଗଦେଇଥିଲେ। ରୋଟାରି କ୍ଲବ ଢେଙ୍କାନାଳର ପୂର୍ବତନ ସଭାପତି ହର୍ଷବର୍ଦ୍ଧନ ସିଂଦେଓ, ରାଜକିଶୋର ବେହେରା, ଅଭିମନ୍ୟୁ ସାହୁ, ଡାଇରେକ୍ଟର ୟୁଥ୍ ସର୍ଭିସ୍ ଇପିଲି ଶ୍ରୀଧର, ରୋଟ୍ରାକ୍ଟ କ୍ଲବ ସଦସ୍ୟ ଅଭିଷେକ, ରଞ୍ଜନ, ଅଭିନାଶ, ପ୍ରେମଜିତ୍, ସଭାପତି ଶିବପ୍ରସାଦ, ସମ୍ପାଦିକା ଅମ୍ରିତା ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରି କମ୍ୟୁନିଟି କର୍ପସ ସଭାପତି ସନ୍ତୋଷ ବେହେରା, ସମ୍ପାଦକ ବିବେକ ସ୍ୱାଇଁ, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁନୀଲ ସାହୁ, ଅନିଲ ରାଉତ, ସିଲୁ ରାଉତ, ସ୍ୱୟଂପ୍ରୀତ୍ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।





ଚାରାରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟମାନେ।

# ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

## ୧୫ରୁ ୧୦ ଜଣଙ୍କୁ ବଦଳି, ୪ ଜଣରେ ଚାଲିଛି କାମ

**ଢେଙ୍କାନାଳ, ୫।୭(ରତନ ନାୟାର)**

ଢେଙ୍କାନାଳ ସଦର ତହସିଲରେ କର୍ମଚାରୀ ମରୁଡ଼ି କାରଣରୁ ଏବେ ସୃଷ୍ଟି ହୋଇଛି ଏଭଳି ସମସ୍ୟା।

ଢେଙ୍କାନାଳ ତହସିଲ ଅଫିସରେ ମୋଟ ୧୫ କର୍ମଚାରୀ ରହିବା କଥା। ହେଲେ ଆଗପଛ ବିଚାର ନ କରି ୧୦ ଜଣଙ୍କୁ ବଦଳି କରିଦିଆଯାଇଛି। ଅବଶିଷ୍ଟ ୫ କର୍ମଚାରୀଙ୍କ ମଧ୍ୟରୁ ଜଣେ ୧୫ କର୍ମଚାରୀ ଥିଲେ। ସୁରୁଖୁରୁରେ ହୋଇଯାଉଥିଲା ସବୁ କାର୍ଯ୍ୟ। ଏବେ ସେତିକି କାମ କରୁଛନ୍ତି ମାତ୍ର ୪ ଜଣ। ଦିନ ଦିନ ଧରି ଫାଇଲ୍ ଗୋଟିଏ ଟେବୁଲ୍‌ରୁ ଅନ୍ୟ ଟେବୁଲକୁ ଘୁଞ୍ଚିପାରୁନି। ପୂର୍ବରୁ ଯେଉଁ କାମ ଘଣ୍ଟାକରେ ହୋଇଯାଉଥିଲା, ତାହା ଏବେ ସପ୍ତାହରୁ ଅଧିକ ସମୟ ଲାଗୁଛି। ଦୂରଦୂରାନ୍ତରୁ ଆସୁଥିବା ହିତାଧିକାରୀ ଅପେକ୍ଷା କରି କରି ନୟାନ୍ତ ହେଉଛନ୍ତି।





ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟ।

କାର୍ଯ୍ୟାଳୟ ଆସୁନାହାନ୍ତି କିମ୍ବା ଛୁଟିରେ ରହିବା କାରଣ ସମ୍ପର୍କରେ ସ୍ପଷ୍ଟୀକରଣ ଦେଉନାହାନ୍ତି। ଫଳରେ ୪ ଜଣ କିରାଣିରେ ଏତେ ବଡ଼ କାର୍ଯ୍ୟାଳୟ ସୁରୁଖୁରୁରେ ଚାଲିବା କଷ୍ଟକର ବ୍ୟାପାର ହୋଇଛି। ବିଭିନ୍ନ ବିଭାଗର ଜରୁରୀ କାର୍ଯ୍ୟ ଠପ୍ ହୋଇଯାଇଛି। ଜମିଜମା, ସାର୍ଟିଫିକେଟ୍ ଆଦି କାର୍ଯ୍ୟ ଲାଗି ଦିନତମାମ ଅପେକ୍ଷା କରିବାକୁ ପଡୁଛି। ଠିକ୍ ସମୟରେ କାମ ହୋଇପାରୁ ନ ଥିବାରୁ ହିତାଧିକାରୀମାନେ ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ସେମାନେ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସେକ୍ସନ ଅଫିସରଙ୍କ ପ୍ରକୋଷ୍ଠରେ ବାଧ୍ୟ ହୋଇ ଭିଡ଼ ଜମାଉଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ, ଫଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ସଂକ୍ରାନ୍ତରେ ତହସିଲଦାର ସୁଧାଂଶୁ ଶେଖର ସାଓଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଲେ, କର୍ମଚାରୀଙ୍କ ଅଭାବ ସମ୍ପର୍କରେ ଜିଲାପାଳଙ୍କୁ ଜଣାଯାଇଛି । ଜିଲାପାଳ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

